## କ୍ଷେତ ମୂଲିଆ ସଂଗଠନର ଉଦ୍‌ବେଗ

# ‘ପାଣିଡଙ୍ଗର ଜଳ ପ୍ରକଳ୍ପ ନ କଲେ ଗାଦି ଛାଡ଼’




ଗୁଣୁପୁର, ୧୭।୪(ସମିସ): କ୍ଷେତ ମୂଳିଆ ସଂଗଠନ (ଏଆଇଏଆରଏଲଏ - ସିପିଆଇ (ଏମଏଲ) ଲିବରେସନ ତରଫରୁ ଗୁଣପୁର ଡାକ ବଙ୍ଗଳା ଠାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆନ୍ଧ୍ରର କାଟ୍ରାଗାଡା ଫେଜ ୨ ପ୍ରକଳ୍ପକୁ ସୁପ୍ରିମକୋର୍ଟ କୋର୍ଟ ଟ୍ରିବ୍ୟୁନାଲ ଟିମ୍ ସବୁଜ ସଂକେତ ଦେବା ପରେ ରାୟଗଡା ଜିଲ୍ଲା ଗୁଡାରୀ ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ ପାଇଁ ଦାବି ଜୋର୍ ଧରିଛି । ବଂଶଧାରା ନଦୀ ଆମର , ଆମ ପାଣିକୁ ଆନ୍ଧ୍ର ନେଇ ଉପଯୋଗ କରୁଥିବା ବେଳେ ଗୁଣପୁର ଅଞ୍ଚଳର ଚାଷୀ ଭାଇ ମାନେ ଚାତକ ପରି ରହିଛନ୍ତି । ଏଥିପାଇଁ ଓଡିଶା ସରକାର ଫେଲ ମାରିଛି ।୨୦୦୪ ମସିହାରୁ ଗୁଡାରୀ ଠାରେ ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ କରିବା ପାଇଁ କାର୍ଯ୍ୟାଳୟ ଖୋଲା ଯାଇ ସର୍ଭେ କରାଯାଇ ଥିଲା । ଆଗାମୀ ଦିନରେ ସରକାର ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ ନ କରିଲେ ଆନ୍ଦୋଳନକୁ ତୀବ୍ରତର କରାଯିବା ନେଇ କ୍ଷେତ ମୁଲିଆ ସଂଗଠନ ନେତା ତ୍ରିପତି ଗମାଙ୍ଗ, ବୃନ୍ଦାବନ ବିଡିକା ଚେତାବନୀ ଦେଇଛନ୍ତି ।ଭାଜପା ସରକାର କ୍ରମାଗତ ଭାବେ ଅନ୍ୟାୟ କରିଚାଲିଛନ୍ତି । ବିଜେପି ରାଜନୈତିକ ସ୍ୱାର୍ଥ ସାଧନ ଲାଗି ସବୁବେଳେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପ୍ରତି ସମ୍ବେଦନଶୀଳ ରହି ଆସିଛନ୍ତି । କେନ୍ଦ୍ର ଓ ରାଜ୍ୟ ରେ ଭାଜପା ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା କାରଣରୁ ବଂଶଧାରା ଟ୍ରିବୁନାଲରେ ଓଡ଼ିଶାର ପକ୍ଷ ଦୁର୍ବଳ ହୋଇ ପଡିଛି । ବଂଶଧାରା ଉପରମୁଣ୍ଡରେ ବଡ଼ ପ୍ରକଳ୍ପ କରିବା ଦ୍ୱାରା କେନ୍ଦ୍ରର ଅନୁମତି ଆବଶ୍ୟକ ପଡୁଥିବା କାରଣରୁ ଏହାକୁ ଏଡାଇ ବଂଶଧାରା ନଦୀ ଜଳରେ ଓଡ଼ିଶାର ୫୦ ପ୍ରତିଶତ ଜଳ ହକକୁ କାର୍ଯ୍ୟରେ ଲଗାଇ ଛୋଟ ଛୋଟ ପ୍ରକଳ୍ପ ଦ୍ୱାରା ବଂଶଧାରା ଅବବାହିକା ଚାଷୀ ,ଜନତା ଓ ପରିବେଶ ସୁରକ୍ଷା ନିମନ୍ତେ ଯୋଜନା କରି ପ୍ରାୟ ୧୨୦୦ କୋଟି ଟଙ୍କା ଅନୁମୋଦନ କରିଥିଲେ। କିନ୍ତୁ ବର୍ତ୍ତମାନ ଭାଜପା ସରକାର ନିଜ ସାଥି ଆନ୍ଧ୍ରପ୍ରଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଉକ୍ତ ପ୍ରକଳ୍ପକୁ ଶୀତଳ ଭଣ୍ଡାର ରେ ଫୋପାଡି ଦେବା ଦୁର୍ଭାଗ୍ୟ ଜନକ ।ଗୁଣପୁର ବାସୀଙ୍କ ସ୍ୱାର୍ଥ ରକ୍ଷାରେ ତତ୍ପର ନହେଲେ ଏପ୍ରିଲ ୨୨ ତାରିଖ ଦିନ ଗୁଣପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିବା ପାଇଁ ସିପିଆଇ(ଏମଏଲ) ଲିବରେସନ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବୃନ୍ଦାବନ ବିଡିକା, ରାଜେନ୍ଦ୍ର ମାଝୀ, କର୍ଣ୍ଣଏଲ ଗମାଙ୍ଗ, ରମେଶ ବିଡିକା ଉପସ୍ଥିତ ଥିଲେ।

# କନ୍ଧମାଳରେ ପୁଲିସର ବର୍ବରତାକୁ ବିରୋଧ କରି ଦାବିପତ୍ର ପ୍ରଦାନ




ଗୁଣୁପୁର,୧୭।୪(ସମିସ): ରାୟଗଡା ଓ କଳାହାଣ୍ଡି ଜିଲ୍ଲା ସୀମାନ୍ତ ସିଜିମାଳି ପର୍ବତ ଅଞ୍ଚଳରେ ପ୍ରସ୍ତାବିତ ବକ୍ସାଇଟ୍ ଖଣି ପ୍ରକଳ୍ପକୁ ନେଇ ଜନମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏନେଇ ଅଖିଳ ଭାରତ କିଶାନ୍ ମଜଦୁର ସଭା ଗୁଣପୁର ସବ୍-ଡିଭିଜନ୍ କମିଟି ପକ୍ଷରୁ ଓଡିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଗୁଣୁପୁର ଉପଜିଲ୍ଲାପାଳଙ୍କ ଜରିଆରେ ଡେପୁଟି କଲେକ୍ଟର ସୁବ୍ରସ୍ମାତ ରାଉତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ପାଇଁ ଆଜି କମିଟିର ସଦସ୍ୟ ମାନେ ସହର ମୁଖ୍ୟ ରାସ୍ତାରେ ଶୋଭାଯାତ୍ରା କରି ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସରକାର ବିରୋଧରେ ନାରା ଦେବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ ହୋଇଛି ଯେ, ଏହି ଖଣି ପ୍ରକଳ୍ପକୁ ନେଇ ସ୍ଥାନୀୟ ଆଦିବାସୀ ଓ କୃଷକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି। ଗତ ୬ ଓ ୭ ଏପ୍ରିଲ ମଧ୍ୟରାତ୍ରିରେ ପୁଲିସ ଦ୍ୱାରା କନ୍ଧମାଳ ସହ ଅନ୍ୟାନ୍ୟ ଗ୍ରାମରେ ଚଢ଼ଉ କରାଯାଇ ଗ୍ରାମବାସୀଙ୍କ ଉପରେ ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଥିବା ଅଭିଯୋଗ ଉଠିଛି। ଏହାରେ ମହିଳା, ବୃଦ୍ଧ ଓ ନାବାଳକ ସହିତ ଅନେକ ଲୋକ ଆହତ ହୋଇଥିବା କୁହାଯାଇଛି। ସେହିପରି କଳାହାଣ୍ଡି ଜିଲ୍ଲାର ତଳ ଆମପଦର ଅଞ୍ଚଳରେ ମଧ୍ୟ ସମାନ ଘଟଣା ଘଟିଥିବା ଓ ଅନେକ ଆଦିବାସୀଙ୍କୁ ଗିରଫ କରାଯାଇଥିବା ଉଲ୍ଲେଖ ରହିଛି। ପୋଲିସ ଭୟରେ ଆହତ ଲୋକମାନେ ଚିକିତ୍ସା ପାଇଁ ମଧ୍ୟ ବାହାରି ପାରୁନଥିବା କୁହାଯାଇଛି। ଏହା ସହିତ ଗ୍ରାମସଭା ପ୍ରକ୍ରିୟାରେ ଗୁରୁତର ଅନିୟମିତତା ଘଟିଥିବା ଅଭିଯୋଗ ହୋଇଛି। ଗ୍ରାମସଭା ରେକର୍ଡରେ ଜାଲିଆତି, ମୃତ ଓ ଅନୁପସ୍ଥିତ ବ୍ୟକ୍ତିଙ୍କ ନାମ ଥିବା ଭଳି ଅଭିଯୋଗ ମଧ୍ୟ ଉଠାଯାଇଛି। ସଂଗଠନ ପକ୍ଷରୁ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ପେସା ଆଇନ ୧୯୯୬ର ଉଲଂଘନ ହୋଇଥିବା କୁହାଯାଇଛି। ଅଖିଳ ଭାରତୀୟ କୃଷକ ମଜଦୁର ସଭା ପକ୍ଷରୁ ପୁଲିସ ଦମନ ଘଟଣାର ନିରପେକ୍ଷ ତଦନ୍ତ, ମିଥ୍ୟା ମାମଲାରେ ଗିରଫ ଲୋକଙ୍କୁ ମୁକ୍ତି, ଗ୍ରାମସଭା ଅନିୟମିତତାର ତଦନ୍ତ ଓ ବଳପୂର୍ବକ ଜମି ଅଧିଗ୍ରହଣ ବନ୍ଦ କରିବାକୁ ଦାବି କରାଯାଇଛି। ଏହି ସମସ୍ତ ଘଟଣାକୁ ଗୁରୁତ୍ୱ ସହ ନେଇ ତତ୍କାଳ ହସ୍ତକ୍ଷେପ କରିବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି।

# ମହିଳା ଆଇନ୍ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା,୧୭।୪(ସମିସ): ରାୟଗଡ଼ାରେ ବ୍ଲକ୍‌ସ୍ତରୀୟ ମହିଳା ଆଇନ୍ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ଠାରେ ଅନୁଷ୍ଠିତ ହୋଇଛି । ଉକ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁରଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା। ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ, ଜିଲ୍ଲା ପରିଷଦ୍ ସଭ୍ୟା ପଦ୍ମାବତୀ ମାଡ଼ିଙ୍ଗା ଓ ସୁଶ୍ରୀ ସନ୍ଧ୍ୟା ପୁଲକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ସ୍ୱାସ୍ଥ୍ୟ ଅଧିକାରୀ, ଡିପିଏମ ଓଏଲଏମ ଶଙ୍କର ଚଲାଣ , ମୁଖ୍ୟବକ୍ତା ଆଇନଜୀବୀ ପ୍ରଣତି ପାତ୍ର, ଅନ୍ୟତମ ବକ୍ତା ଶାନ୍ତିଲତା ମିଶ୍ର, ସିଡିପିଓମାନେ, ଆଶା କର୍ମୀ, ଛାତ୍ରୀ, ଶିକ୍ଷକମାନଙ୍କ ସମେତ ବିଭିନ୍ନ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଯୌନ ଉତ୍ପୀଡ଼ନରେ ଶାରୀରିକ ପେଖାନ୍ତା ଅଶ୍ଳୀଳ ଭିଡିଓ, ମେସେଜ୍, ମନ୍ତବ୍ୟ, ହରାସମେଣ୍ଟ ଓ ମାନସିକ ଦମନ ମଧ୍ୟ ଆଇନଗତ ଅପରାଧ। ଆଶାୟ କିମ୍ବା କର୍ମକର୍ତ୍ତାଙ୍କୁ ଜଣାଇ ଆବଶ୍ୟକ ପୁଲିସ, ମହିଳା କମିଶନ କିମ୍ବା ହେଲ୍ପଲାଇନ୍‌ରେ ଯୋଗାଯୋଗ କରିବା ଉଚିତ୍। ଯୌନ ଉତ୍ପୀଡ଼ନକୁ ନୀରବତା ନୁହେଁ, ଆଇନଗତ ପଦକ୍ଷେପ ଦ୍ୱାରା ରୋକାଯାଇପାରିବ। କାର୍ଯ୍ୟକ୍ରମ ଜିଲ୍ଲା ସଂଯୋଜକ ସଂକଳ୍ପ ହବ୍ ଦିବାକର ପରିଛା ପରିଚାଳନା କରିଥିଲେ।

● ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

# ବେଆଇନ୍ ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ପାଇଁ ଦାବିପତ୍ର

ଗୁଣୁପୁର,୧୭।୪(ସମିସ): ଗୁଣୁପୁର ସ୍ଥିତ ଆମ୍ରୁ ନଗର, ଲେନ-୧ରେ କିଛି ଲୋକେ ଜମି ଖବରଦଖଲ କରି ଘର ନିର୍ମାଣ କରିଛନ୍ତି ଏବଂ ପୌର ପରିଷଦ ପକ୍ଷରୁ ବେଆଇନ୍ ଭାବେ ରାସ୍ତା ନିର୍ମାଣ କାରାଯାଉଛି। ତେଣୁ ଉକ୍ତ ଜବରଦଖଲ ଜମିକୁ ସରକାରୀ ଖାତାକୁ ଆଣିବା ଏବଂ ପ୍ଲାନିଂ ଅନୁଯାଇ ରାସ୍ତା ଓ ଡ୍ରେନ୍ ନିର୍ମାଣ କରିବା ସ୍ଥାନୀୟ ବାସିନ୍ଦାମାନଙ୍କ ପକ୍ଷରୁ ଗୁଣୁପୁର ଉପଜିଲ୍ଲାପାଳ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ଗୁଣୁପୁର ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କର ବୈମାତୃକ ମନୋଭାବ ରହୁଥିବା ଲକ୍ଷ୍ୟ କରାଯାଉଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦାମାନଙ୍କ



ପକ୍ଷରୁ ପୌର କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଓ ଆପତ୍ତି ସତ୍ତ୍ୱେ ମଧ୍ୟ ଏହି ଅବୈଧ ଦଖଲ ହଟାଯାଇନାହିଁ। ଏହାର ପରିଣାମ ସ୍ୱରୂପ ଅଞ୍ଚଳର ବାସିନ୍ଦାମାନେ ବିଶେଷକରି ଯାତାୟାତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ଦ୍ଦିଷ୍ଟ ସରକାରୀ ଜମିରେ କାର୍ଯ୍ୟ କରିବା ପରିବର୍ତ୍ତେ ଠିକେଦାରଙ୍କ ଦ୍ୱାରା ଅନ୍ୟ ସ୍ଥାନରେ କାର୍ଯ୍ୟ କରାଯାଉଥିବା ସହ ଅବୈଧ ଦଖଲକୁ ଅବ୍ୟାହତ ରଖାଯାଉଛି, ଯାହା ସରକାରୀ ନିୟମ ଓ ସାଧାରଣ ହିତର ବିରୋଧୀ ଅଟେ। ତେଣୁ ଚାଲୁଥିବା ଉକ୍ତ ନିର୍ମାଣ କାର୍ଯ୍ୟକୁ ତତକ୍ଷଣାତ୍ ବନ୍ଦ କରାଯାଉ। ସରକାରୀ ଜମିର ସଠିକ୍ ସୀମା ନିର୍ଦ୍ଧାରଣ (ଡିମାର୍କେସନ୍) କରାଯାଉ ଏବଂ ସମସ୍ତ କାର୍ଯ୍ୟ ସରକାରୀ ନିୟମ ଅନୁଯାୟୀ ପୌର ପରିଷଦ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉ ବୋଲି ଦାବିପତ୍ର ଉଲ୍ଲେଖ ରହିଛି।

# ରାୟଗଡ଼ାରେ ଆରମ୍ଭ ହେଲା ଗୃହ ଗଣନା

ରାୟଗଡ଼ା,୧୭।୪(ସମିସ): ରାୟଗଡ଼ା ଜିଲ୍ଲାରେ ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହେଲା ଗୃହ ଗଣନା। ଆଜିଠାରୁ ୧୮ ତାରିଖ ମଧ୍ୟରେ ସମସ୍ତ ଗୃହକୁ ନମ୍ବର ଦିଆଯିବା ସହ ପ୍ରତି ଗୃହ ଗଣନା ବ୍ଲକର ମ୍ୟାପ୍ ପ୍ରସ୍ତୁତି କାର୍ଯ୍ୟ ଚାଲୁରହିଛି । ପ୍ରଥମ ଦିନ ରାୟଗଡ଼ା ବ୍ଲକର ସମସ୍ତ ଗ୍ରାମ ଓ ପଡା ଗୁଡିକ ଗଣନାକାରୀ ଓ ସୁପରଭାଇଜର ପରିଦର୍ଶନ କରି ଅବସ୍ଥିତି ଅନୁସାରେ ଗୃହ ଗୁଡିକୁ ସଂଖ୍ୟାୟନ କରିବା ସହ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି । ରାୟଗଡ଼ା ବ୍ଲକ୍‌ର ମୋଟ ୪୧୦ ଗୋଟି ଗୃହ ଗଣନା ବ୍ଲକ୍ ନିମନ୍ତେ ୨୪୪ ଜଣ ଗଣନାକାରୀ ଓ ୪୨ ଜଣ ପରିଦର୍ଶକ ନିଯୁକ୍ତ ହୋଇଥିବା ତହସିଲଦାର ତଥା ଚାର୍ଜ ଅଧିକାରୀ ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରକାଶ କରିଛନ୍ତି । ପ୍ରଥମ ଦିନରେ ଏକ ତୃତୀୟାଂଶ କାର୍ଯ୍ୟ ସମ୍ପାଦନ ହୋଇଥିବା ସ୍ଥଳେ ଏପ୍ରିଲ ୧୮ ତାରିଖ ସୁଦ୍ଧା ଗୃହ ସଂଖ୍ୟାୟନ କାର୍ଯ୍ୟ ସରିବ। ପରେ ଗୃହ ଗଣନା କାର୍ଯ୍ୟ ଆରମ୍ଭ ହେବ। ଗୃହ ଗଣନା ପୂର୍ବରୁ ଗ୍ରାମବାସୀଙ୍କୁ ଜନଗଣନାର ଆବଶ୍ୟକତା ଓ ଦେଶରେ ତଥ୍ୟର ବ୍ୟବହାରର ବିଭିନ୍ନ ଦିଗ ବିଷୟରେ ସଚେତନ କରାଯାଉଛି । ଆସନ୍ତା ମେ ମାସ ୧୫ ତାରିଖ ସୁଦ୍ଧା ଗୃହ ଗଣନା ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସେ ପ୍ରକାଶ କରିଛନ୍ତି । ରାୟଗଡ଼ା ତହସିଲର ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ସହକାରୀ ତହସିଲଦାର ଶ୍ରୀମନ୍ତ ସାହୁ, ସହାୟକ ରଞ୍ଜନ ସିଂ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ତଦାରଖ କରୁଛନ୍ତି । ପ୍ରଥମ ଦିବସରେ ସର୍ଭେ ସମୟରେ ଉପୁଜୁଥିବା ସମସ୍ୟା ଗୁଡିକର ସମାଧାନ ନିମନ୍ତେ ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ସମୟରେ ରାୟଗଡ଼ା ବ୍ଲକରେ ନିଯୁକ୍ତ ସମସ୍ତ ଗଣନାକାରୀ ଓ ପରିଦର୍ଶନକାରୀଙ୍କ ନିମନ୍ତେ ଗୁଗଲ ମିଟ୍ ମାଧ୍ୟମରେ ଏକ ଆଭାସୀ ବୈଠକ ଆୟୋଜିତ ହୋଇଥିଲା। କ୍ଷେତ୍ର ତାଲିମ ଦାତା ତଥା ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ଓ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଆଶୁତୋଷ କୁଲକର୍ଣ୍ଣି ସମସ୍ତ ଚାର୍ଜ ଅଧିକାରୀଙ୍କୁ ନିର୍ଭୁଲ ଗୃହ ଗଣନା ଓ ମ୍ୟାପ୍ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେବା ସହ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ରାୟଗଡାବାସୀଙ୍କୁ ସଠିକ ତଥ୍ୟ ପ୍ରଦାନରେ ସହଯୋଗ କରିବା ନିମନ୍ତେ ଅନୁରୋଧ କରିଛନ୍ତି।



ସକାଳ THE SAKALA



## ଶବରୀ ନଦୀର ଅଧାପନ୍ତରିଆ ପୋଲ
# ୬ ବର୍ଷ ହେଲା ସରୁନି ପୋଲ କାମ

ବୈପାରିଗୁଡ଼ା,୧୭।୪(ସମିସ)



ଦୁଇ ରାଜ୍ୟର ଦୁଃଖ

ସବୁ ସ୍ଥାନକୁ ଯୋଗାଯୋଗ ସୁଗମ ଏବଂ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଯାତାୟତ ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଅନେକ କ୍ଷେତ୍ରରେ ଏହି ଜନ କଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ହୋଇ ପାରୁନି। ପ୍ରଶାସନିକ ଅବହେଳା ଯୋଗୁ ଦୀର୍ଘ ବର୍ଷ ଧରି ଅଧାପନ୍ତରିଆ ହୋଇ ପଡ଼ି ରହିଛି ପୋଲ ନିର୍ମାଣ କାର୍ଯ୍ୟ। ଫଳରେ ପ୍ରତ୍ୟେକ ଦିନ ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ନଦୀ ପାର ହୋଇ ଯାତାୟତ କରିବା ସହ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ଘୋଡାଘାଟ ଗାଁ ପାଖରେ ପ୍ରବାହିତ ହେଉଛି ଶବରୀ ନଦୀ। ଓଡିଶା ଏବଂ ଛତିଶଗଡ ଦୁଇ ରାଜ୍ୟ ମଧ୍ୟରେ ପ୍ରବାହିତ ହେଉଥିବା ଏହି ନଦୀ ଅଞ୍ଚଳବାସୀଙ୍କ ସମସ୍ୟାର କାରଣ ପାଲଟିଛି। ନଦୀର ଉଭୟ ପାର୍ଶ୍ୱରେ ଦୁରୁଆ ଆଦିବାସୀ ସମ୍ପ୍ରଦାୟ ଲୋକେ ବସବାସ କରନ୍ତି। ପ୍ରତିଦିନ ଏମାନଙ୍କ ଛତିଶଗଡ଼ ସହ କୋଟପାଡ଼ ଏବଂ କୁନ୍ଦୁରା ବ୍ଲକ ଯିବାଆସିବା ଲାଗି ରହିଥାଏ। କେବଳ ଯେ ଦୁରୁଆ ସମ୍ପ୍ରଦାୟ ନୁହେଁ, ନଦୀ ଆରପଟେ ଥିବା ଛତିଶଗଡ ରାଜ୍ୟର ଶହ ଶହ ଶ୍ରଦ୍ଧାଳୁ ଦକ୍ଷିଣ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱରଙ୍କୁ ଦର୍ଶନ ପାଇଁ ଆସନ୍ତି। ଶିବରାତ୍ରି ସମୟରେ ଏହି ଘାଟରେ ଭକ୍ତଙ୍କ ଭିଡ ଜମିଥାଏ। କିନ୍ତୁ ବର୍ଷା ଋତୁରେ କାଠ ଡ଼ଙ୍ଗାରେ ଭରା ନଇ ପାର ହେବା ଜୀବନ ପ୍ରତି ବିପଦ ରହିଛି। ଏଥିଲାଗି ଶ୍ରାବଣ ମାସରେ ଛତିଶଗଡର ଅଧିକାଂଶ ବୋଲବମ ଭକ୍ତ ଗୁପ୍ତେଶ୍ୱର ଦର୍ଶନରୁ ବଞ୍ଚିତ ରହନ୍ତି। ଏଠାରେ ପୋଲ ନିର୍ମାଣ ହେଲେ ଓଡ଼ିଶା ସହ ଛତିଶଗଡ଼ର ଯୋଗାଯୋଗ ସୁବିଧା ହୋଇଥାନ୍ତା। ତେଣୁ ଅଞ୍ଚଳବାସୀଙ୍କ ଦୀର୍ଘ ବର୍ଷର ଦାବି ପରେ ୨୦୧୯ ମସିହାରେ ୧୧ କୋଟି ଟଙ୍କା ବ୍ୟୟ ଅଟକଳରେ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ନିର୍ମାଣ ଅବଧି ଶେଷ ହେବାର ୬ ବର୍ଷ ବିତି ଯାଇଥିଲେ ମଧ୍ୟ ଏଯାବତ୍ ଅଧାପନ୍ତରିଆ ହୋଇ ପଡି ରହିଛି ପୋଲ ନିର୍ମାଣ କାମ। ପାଞ୍ଚ ବର୍ଷ ପୂର୍ବେ ନଦୀର ଗୋଟିଏ ପାର୍ଶ୍ୱରେ ତିନୋଟି ପିଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିନି। ପୋଲ ନିର୍ମାଣ ସମ୍ପୂର୍ଣ୍ଣ ହେବା ନେଇ ପୁଣି ଅନିଶ୍ଚିତତା ଦେଖା ଦେଇଛି। ନିର୍ମାଣ କାର୍ଯ୍ୟ ଆରମ୍ଭ ପରେ ଛତିଶଗଡ ପକ୍ଷରୁ ପୋଲ କାମ ବନ୍ଦ କରାଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ପୋଲ କାମ ଶେଷ ହୋଇ ପାରୁନି। ବ୍ରିଜ ନିର୍ମାଣକୁ ନେଇ ଅଞ୍ଚଳବାସୀ ବହୁବାର ଦାବି କରିଆସୁଛନ୍ତି। ସ୍ଥାନୀୟ ନବରଙ୍ଗପୁର ସାଂସଦ ବଳ ଭଦ୍ର ମାଝୀ ଏବଂ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ମଧ୍ୟ ଅନୁଧ୍ୟାନ କରି ଫେରିଛନ୍ତି। ଡବଲ ଇଞ୍ଜିନ ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ଏବଂ ଅତିଶୀଘ୍ର ପୋଲ ନିର୍ମାଣ ଶେଷ କରନ୍ତୁ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ପୋଲ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଥିବା ନେଇ କୋଟପାଡ଼ ବିଧାୟକ ରୂପୁ ଭତ୍ରାଙ୍କ ସହ ଯୋଗାଯୋଗ କରିବାରୁ ଛତିଶଗଡ଼ ଏବଂ ଓଡ଼ିଶାରେ ଆମ ସରକାରର ଶାସନ ଚାଲିଛି। ତେଣୁ କିଛି ଅସୁବିଧା ହେବନି। ଯଥାଶୀଘ୍ର ପୋଲ ନିର୍ମାଣ କାମ ସମ୍ପୂର୍ଣ୍ଣ ହେବ। କେବଳ ସ୍ଥାନୀୟ ଲୋକେ ରାସ୍ତା ଦେବା ପାଇଁ ରାଜି ନ ଥିବାରୁ ପୋଲ ନିର୍ମାଣ କାମ ବିଳମ୍ବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଇ ଶୀଘ୍ର ପୋଲ କାମ ଶେଷ ହେବ ବୋଲି ସେ କହିଥିଲେ।

## ରାଧାକୃଷ୍ଣ ଇଂରାଜୀ ବିଦ୍ୟାଳୟର ବାର୍ଷିକୋତ୍ସବ



ଗୁଡାରୀ,୧୭।୪(ସମିସ): ଗୁଡାରୀ ରାଧକୃଷ୍ଣ ଇଂରାଜୀ ବିଦ୍ୟାଳୟରେ ରବିବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଗୁଣପୁର ଏଡିଡବ୍ଲୁଓ ପ୍ରଦିପ୍ତ କୁମାର ବଳେଇ, ଡବ୍ଲୁଓ ଗଙ୍ଗାଧର ବେହେରା, ବିଦ୍ୟାଳୟ ଯୁକ୍ତ ଦୁଇ ଅଧ୍ୟକ୍ଷ ଗୌରୀଶଙ୍କର ଦାସ, ଗୁଡାରୀ ଥାନା ଏଏସ୍‌ଆଇ ପି.ଶ୍ୟାମ ସୁନ୍ଦର, ପି.ହେମକ୍ରିଷ୍ଣା (ଏମବିବିଏସ), ପଦ୍ମନାଭ ଭୋଳ, ଏଏଡିବ୍ଲୁଓଙ୍କ ସମେତ ଆରକେ ପ୍ରାଥମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ବେହେରା, ଆରକେ ବିଦ୍ୟାଳୟର ଚେୟାରମ୍ୟାନ୍ ସନ୍ତୋଷ ତୁଳ, ଅନନ୍ତ ପଣ୍ଡା, ଜଗଦୀଶ ପାଣିଗ୍ରାହି, ବି ଶିଭା ମଞ୍ଚରେ ଉପସ୍ଥିତ ଥିଲେ। ଅତିଥିମାନଙ୍କୁ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ଉପଢୌକନ ଏବଂ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଗୁଡାରୀ ସାମ୍ବାଦିକ, ରାଜନେତା ଏବଂ ବରିଷ୍ଠ ନାଗରିକଙ୍କୁ ଉପଢୌକନ ଏବଂ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜଣାଇବା ଦେଖିବାକୁ ମିଳିଛି। ଅଧ୍ୟକ୍ଷ ଶ୍ରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଥାନା ଏଏସ୍‌ଆଇ ସାଇବର କ୍ରାଇମ ଏବଂ ହେଲମେଣ୍ଟ ପିନ୍ଧି ଗାଡ଼ି ଚଳାଇବା ପାଇଁ ସମସ୍ତ ଅଭିଭାବକଙ୍କୁ କହିଥିଲେ। ଅନ୍ୟ ଅତିଥିମାନେ ବିଦ୍ୟାଳୟର ଶିକ୍ଷା ସହ ବାର୍ଷିକ ଉତ୍ସବର ନିଆରା ସମ୍ପର୍କ ରହିଛି ବୋଲି କହିଥିଲେ। ଉତ୍ସବରେ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ଲୋକକଳା, ନୃତ୍ୟ ତଥା ସଂସ୍କୃତି ପରିଭାଷାକୁ ମଞ୍ଚରେ ଦେଖିବାକୁ ମିଳିଥାଏ ବୋଲି କହିଥିଲେ। ଶେଷରେ ଆର.କେ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ। ରାତ୍ର ୧ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସହଯୋଗ କରିଥିବା ସମସ୍ତ କର୍ମଚାରୀଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ଧନ୍ୟବାଦ ଜଣାଇଛନ୍ତି।

## ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ

ସେମିଳିଗୁଡ଼ା,୧୭।୪ (ସମିସ): କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦର ଦ୍ୱାରା ସ୍ଥାପନ କରାଯାଇଥିବା ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅନେକ ସ୍ଥାନରେ ଅଚଳ ଅବସ୍ଥାରେ ଅଛି। ପ୍ରବଳ ଗରମ ଆରମ୍ଭ ହୋଇଥିବା ବେଳେ ଜନଗହଳି ଅଞ୍ଚଳରେ ଲୋକ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଥିଲେ। ପୌର ପରିଷଦ ଦ୍ୱାରା ପିଇବା ପାଣି ବ୍ୟବସ୍ଥା କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଦାବି ଅନୁଯାୟୀ ପୌର ପରିଷଦ ପକ୍ଷରୁ ସୁନାବେଡ଼ା ,ସେମିଳିଗୁଡା ଅଞ୍ଚଳର ୭ଟି ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ଖୋଲା ଯାଇଥିଲା। ପୂର୍ବରୁ ମଧ ଦୁଇ ସହରରେ ୪ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କେନ୍ଦ୍ର ସ୍ଥାପନ କରାଯାଇଥିଲା। ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଖରା ଦିନରେ ଲୋକ ଥଣ୍ଡା ପାଣି ପାଇବା ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଅଧିକାରୀଙ୍କ ଅବହେଳା ଯୋଗୁଁ ଅନେକ ସ୍ଥାନରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଥିବା ଲକ୍ଷ୍ୟ କରାଯାଉଛି। ପୁରୁଣା ବସ୍‌ଷ୍ଟାଣ୍ଡରେ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଛି। ବହୁତ୍ ଦିନରୁ ଅଚଳ ଅବସ୍ଥାରେ ଥିବାରୁ ବସଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ ପାଣି ପାଇଁ ଅନେକ ଅସୁବିଧା ଭୋଗୁଛନ୍ତି। ଏହି ପ୍ରକଳ୍ପକୁ ତାରିଣୀ ମନ୍ଦିର ପାଖକୁ ସ୍ଥାନାନ୍ତର କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ଉକ୍ତ ପ୍ରକଳ୍ପ ପ୍ରତି ଦୃଷ୍ଟି ଦେଉ ନଥିବା ଜଣାପଡ଼ିଛି। ପ୍ରବଳ ଗରମରେ ପିଇବା ପାଣି ନ ମିଳିବା ଯୋଗୁଁ ଲୋକେ ବହୁ ହଇରାଣ ହେଉଛନ୍ତି। ପୌର ଅଧିକାରୀ ଦୃଷ୍ଟି ଦେଇ ଅଚଳ ହୋଇ ପଡିଥିବା ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଠିକ୍ କରିବା ଏବଂ ପାଣି ଯୋଗାଇବା ପାଇଁ ଦାବି ହେଉଛି।



## 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ' କାର୍ଯ୍ୟକ୍ରମ



ରାୟଗଡ଼ା,୧୭।୪(ସମିସ): ଗତ ଶନିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଗାୟତ୍ରୀ ନଗର ,ରାୟଗଡା ଠାରେ ଶିଶୁ ବାଟିକା ବିଭାଗର ଘର ହିଁ ବିଦ୍ୟାଳୟ ପ୍ରକଳ୍ପର ତୃତୀୟ ସୋପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପରିଚାଳନା ସମିତିର ସମ୍ପାଦକ, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ଜଗଦୀଶ ଚନ୍ଦ୍ର ଦୋରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟା ସସ୍ମିତା ପାଢ଼ୀ ,ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ମିନତୀ ନନ୍ଦ ଓ ଶିଶୁ ବାଟିକା ପ୍ରମୁଖ ନିର୍ମଳା ବେହେରା ଅତିଥି ରୂପେ ଯୋଗ ଦେଇଥିଲେ। ଶିଶୁ ବାଟିକାର ଅଭିଭାବକ,ଅଭିଭାବିକା ଓ ଶିଶୁ ମଧ୍ୟ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ହେବା ପରେ ବାଟିକା ଶିଶୁମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। । ଶିଶୁ ବାଟିକା ପ୍ରମୁଖ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିଥିଲେ । ମୁଖ୍ୟ ଅତିଥି ଶିଶୁର ରୋଗ ଓ ଏହାର ଘରୋଇ ଉପଚାର ଉପରେ ଆଲୋକପାତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଶିଶୁର ମାନସିକ ଓ ଶାରୀରିକ ବିକାଶ ନିମନ୍ତେ ଉଭୟ ବାପା ଓ ମା'ଙ୍କ ସହିତ 'ମୋ ଗଣିତ, ମୋ ଭାଷା' ଉପରେ ପ୍ରାୟୋଗିକ କାଳାଂଶ କରାଯାଇଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ଗୀତାଞ୍ଜଳି ରଥ ଧନ୍ୟବାଦ ପ୍ରଦାନ କରିଥିଲେ। ଶିଶୁ ବାଟିକାର ସମସ୍ତ ଗୁରୁମା ଓ ସେବକ ସେବିକା ତଥା ଅଭିଭାବକ ଓ ଅଭିଭାବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ବିଷମକଟକ ନିର୍ବାଚନ ମଣ୍ଡଳୀରେ ସମସ୍ୟା ସମାଧାନ ହେଉନି



ବିଧାୟକଙ୍କ ଉଦ୍‌ବେଗ

ରାୟଗଡ଼ା,୧୭।୪(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ନିର୍ବାଚନୀ ମଣ୍ଡଳୀରେ ଲୋକଙ୍କର ବହୁ ସମସ୍ୟା ରହିଛି। ଏହାର ସମାଧାନ ଦିଗରେ ସ୍ଥାନୀୟ ବିଧାୟକ ନୀଳମାଧବ ହିକକା ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ବିଧାନସଭା ଅଧିବେଶନରେ ସ୍ୱର ଉତ୍ତୋଳନ କରି ଆସୁଥିବା ବେଳେ ସରକାର ଏ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଷମକଟକ ସଦର ଠାରେ ନୂତନ ତହସିଲ ଅଫିସ ନିର୍ମାଣ କରିବା ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ବିଧାୟକ ଶ୍ରୀ ହିକ୍‌କା କହିଛନ୍ତି। ଆଜି ରାୟଗଡ଼ା ଠାରେ ଅନୁଷ୍ଠିତ ୮୨ତମ ଜିଲ୍ଲା ପରିଷଦ ବୈଠକରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟାକୁ ନେଇ ପ୍ରଶ୍ନ କରିଛନ୍ତି ବିଧାୟକ ଶ୍ରୀ ହିକକା। ତାଙ୍କ ନିର୍ବାଚନୀ ମଣ୍ଡଳିରେ ଅନେକ ଗ୍ରାମରେ ଜଳ ସଙ୍କଟ ଦେଖା ଦେଉଥିବା ବେଳେ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ କେତୋଟି ଗ୍ରାମକୁ ପାଣି ଯୋଗାଇ ଦିଆଗଲା ଏବଂ କେତେ ଗ୍ରାମ ବାକି ଅଛି ଓ କେବେ ସୁଦ୍ଧା ସବୁ ଗ୍ରାମକୁ ପାଣି ଯୋଗାଇବେ ସରକାର ବୋଲି ସମସ୍ତ ତଥ୍ୟ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। ଅନେକ ଜଟକ୍ଲିଷ୍ଟ ଗ୍ରାମରେ ଲୋକେ ପାଣି ପାଇଁ ଡହଳବିକଳ ହେଉଥିବା ବେଳେ ଜରୁରୀକାଳୀନ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ତେଣୁ ଚଳିତ ଗ୍ରୀଷ୍ମ ପ୍ରବାହରେ ଜଳ ସଙ୍କଟ କିପରି ସାମ୍ନା କରିବେ ଓ ଜରୁରୀ ଥିବା ଜାଗାରେ ବିଳମ୍ବ ନ କରି ନଳକୂପ ଖୋଳିବା ପାଇଁ ନିଷ୍ପତି ଗ୍ରହଣ କରନ୍ତୁ ବିଧାୟକ କହିଛନ୍ତି। ନିର୍ବାଚନ ମଣ୍ଡଳୀର କେତେ ଗ୍ରାମକୁ ରାସ୍ତା ହୋଇପାରିନାହିଁ, ତାହାର ତାଲିକା ଦେବା ସହ କେବେ ସୁଦ୍ଧା ସବୁ ଗ୍ରାମକୁ ରାସ୍ତା ସଂଯୋଗୀକରଣ ହେବ ଜିଲ୍ଲା ପ୍ରଶାସନକୁ ସେ ପ୍ରଶ୍ନ କରିଛନ୍ତି। ବିଷମକଟକ ବ୍ଲକର ବେଥିଆପଡା ଠାରୁ ପାରାଡାଡାଙ୍ଗା ପର୍ଯ୍ୟନ୍ତ ରାସ୍ତା ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ପାଣି ନାହିଁ ଏବଂ ରାସ୍ତା ନ ଥିବାରୁ ଅଙ୍ଗନବାଡି ଓ ଏଏନ୍‌ଏମ୍ ଠିକ୍‌ରେ ଯାଇପାରୁ ନାହାନ୍ତି। ଏଭଳି ସମସ୍ୟାର ସମାଧାନ କେବେ ହେବ ବୋଲି ବିଧାୟକ ଶ୍ରୀ ହିକକା ପ୍ରଶ୍ନ କରି ତୁରନ୍ତ ସମାଧାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ଗୁଣ୍ଡିରୀଗୁଡ଼ା ଅଙ୍ଗନବାଡି ପଦବୀ ଖାଲି

ଚନ୍ଦ୍ରପୁର,୧୭।୪(ସମିସ): ଚନ୍ଦ୍ରପୁର ବ୍ଲକ ବିଜାପୁର ପଞ୍ଚାୟତର ଗୁଣ୍ଡିରିଗୁଡା ଅଙ୍ଗନବାଡି କର୍ମୀ ପଦବୀ ୩ ମାସ ହେଲା ଖାଲି ପଡିଛି। ଗୁଣ୍ଡ୍ରିରିଗୁଡା ଅଙ୍ଗନବାଡି କର୍ମୀ ବସନ୍ତ କୁମାରୀ ମାଳବିଶୋଇ ଗତ ଜାନୁୟାରୀ ୨୦୨୬ରେ ମୃତ୍ୟୁବରଣ କରିଥିଲେ। ଗୁଣ୍ଡ୍ରିଗୁଡ଼ା ଅଙ୍ଗନବାଡି କର୍ମୀଙ୍କ ମୃତ୍ୟୁ ପରେ କମପଦର ଅଙ୍ଗନକର୍ମୀ ସୁଜାତା ମାଳବିଶୋଇ ପ୍ରାୟ ୨ ମାସରୁ ଅଧିକ ସମୟ ହେବ ଭାରପ୍ରାପ୍ତ ଅଙ୍ଗନବାଡି କର୍ମୀ ଦାୟିତ୍ୱ ତୁଲାଇଥିଲେ। ଚଳିତ ମାସ ଠାରୁ ଗୁଣ୍ଡ୍ରିଗୁଡା ଗାଁ ନିକଟସ୍ଥ ବୁଲୁଗୁଡା ଅଙ୍ଗନବାଡି କର୍ମୀ ସୁବାସିନି ବଳିଆର ସିଂଙ୍କୁ ଭାରପ୍ରାପ୍ତ ଅଙ୍ଗନବାଡି କର୍ମୀ ଦାୟିତ୍ୱ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଏହି ଅଙ୍ଗନବାଡି କେନ୍ଦ୍ରରେ ପ୍ରାକ୍ ଶିକ୍ଷାରେ ୨୩ ଜଣ ଓ ୩-୬ ମାସ ମଧ୍ୟରେ ୨୨ ଜଣ ପିଲା ରହିଛନ୍ତି। ସ୍ଥାୟୀ ଅଙ୍ଗନବାଡି କର୍ମୀ ନ ଥିବାରୁ ଛୋଟ ପିଲାଙ୍କ ପ୍ରାକ୍ ଶିକ୍ଷା, ପୃଷ୍ଟିକର ଖାଦ୍ୟ ଯୋଗାଇବା, ଗର୍ଭବତୀ ମହିଳାଙ୍କ ଯତ୍ନ ନେବା, ଟୀକାକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ଭଳି ଅନେକ ସେବା ଠିକ୍ ସମୟରେ ମିଳୁ ନ ଥିବାରୁ ଗାଁ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି। ଗୁଣ୍ଡିରୀଗୁଡା ଅଙ୍ଗନବାଡି କର୍ମୀ ପଦବୀ ଖାଲି ପଡିଥିବା ନେଇ ଆଇସିଡିଏସ୍ ସୁପରଭାଇଜର ଅରୁଣା ମହାନନ୍ଦିଆଙ୍କୁ ଯୋଗାଯୋଗ କରିବାରୁ ଚଳିତ ମାସ ଶେଷ ସୁଦ୍ଧା ଅଙ୍ଗନ ବାଡି କର୍ମୀ ପଦବୀ ପୂରଣ ନିମନ୍ତେ ବିଜ୍ଞାପନ ବାହାର କରାଯିବ ବୋଲି କହିଛନ୍ତି।

# ବିଭିନ୍ନ ସ୍ଥାନରେ ବିଜୁ ବାବୁଙ୍କ ତିରୋଧାନ ଦିବସ



କୋରାପୁଟ,୧୭।୪(ସମିସ):(୧୦୮) ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସକୁ ଆଜି ରାଜ୍ୟ ବ୍ୟାପୀ ପ୍ରବାଦ ପୁରୁଷ ଦିବସ ଭାବେ ପାଳନ କରା ଯାଉଥିବା ବେଳେ କୋରାପୁଟ ସଦର ମହକୁମାରେ ମଧ୍ୟ ପୂର୍ବତନ ବିଧାୟକ ରଘୁରାମ ପଡ଼ାଲଙ୍କ ଅଧ୍ୟକ୍ଷତାରେ ଏହି ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ବିଜୁ ପାଠାଗାରରେ ବିଜୁ ବାବୁଙ୍କ ଦେଶପ୍ରେମ ଏବଂ ଓଡ଼ିଶା ବିକାଶରେ ଅବଦାନ ଶୀର୍ଷକ ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା। ଶ୍ରୀ ପଡ଼ାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ବିଜେଡି ସଭାପତି ଝିନ ହିକ୍‌କା, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, ରାଜ୍ୟ ଉପ ସଭାନେତ୍ରୀ ରୀତା ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥି ପୂର୍ବରୁ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଜେଡି ନେତା ଓ କର୍ମୀ ମାନେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟାଉନ ସଭାନେତ୍ରୀ ଦେବୀଶ୍ରୀ ପ୍ରଧାନ, କାଉନସିଲର କାଦମ୍ବିନୀ ସେଠୀ ଓ ଅନ୍ୟମାନେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ।

**ଜୟପୁର:** ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଜୟପୁର ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଟାଉନଥାନା ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଠାରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବିଜେଡିର ମହିଳା, ଯୁବ, ଛାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଦଳୀୟ ନେତା ମାନେ ଯୋଗଦେଇ ବିଜୁ ବାବୁ ଅମର ରହେ ସ୍ଲୋଗାନ ଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଅତିଥି ମାନେ ବିଜୁବାବୁଙ୍କ ନିର୍ଭୀକ ଜୀବନ, ଅଦମ୍ୟ ସାହସ, କୋଟି କୋଟି ଓଡ଼ିଆଙ୍କ ପାଇଁ ପ୍ରେରଣାର ମନ୍ତ୍ର



ପାଲଟିଛି ବୋଲି କହିଥିଲେ। ଏହି ଅବସରରେ ବିଜେଡିର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର, ବରିଷ୍ଠ ନେତା ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ନାଗରାଜ ଦୋରା, ହର ପ୍ରସାଦ ମିଶ୍ର, ବାଲିଙ୍ଗ ରାଓ, ଶିବ ପଟ୍ଟନାୟକ, ଧର୍ମେନ୍ଦ୍ର ଅଧିକାରୀ, ଧନ ଖରା, ମହେନ୍ଦ୍ର ଅଧିକାରୀ,ଏମ .ମାଙ୍ଗାମ୍ମା, ପଦ୍ମା ରେଡ୍ଡି, ସୁଷମା ମହାପାତ୍ର, ମହେନ୍ଦ୍ର ଅଧିକାରୀ, ଯଶପାଲ ସିଂ, ସୀମାଞ୍ଚଳ ବିଶୋୟୀ, ଦେବେନ୍ଦ୍ର ଚୌଧୁରୀ, ବୁଡୁ ମହାପାତ୍ର , ଟୁନା ରଥ ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସଂଧ୍ୟାରେ ବିଜୁ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶିଶୁ ନିଃସହାୟ କେନ୍ଦ୍ର ଠାରେ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ କରାଯାଇଥିଲା। ଏହି ଅବସରରେ କମିଟିର ସଭାପିତ ବାଲା ରାୟ ଏବଂ ସମ୍ପାଦକ ଦୁର୍ଗା ପ୍ରସାଦ ମିଶ୍ର ଓ ସଦସ୍ୟ ମାନେ ଉପସ୍ଥିତ ରହି ବଣ୍ଟନ କରିଥିଲେ। ପ୍ରବାଦ ପୁରୁଷ ଯେଉଁଭଳି ଭାବେ ଦୁର୍ନିତୀକୁ ବିରୋଧ କରୁଥିଲେ। ସେହିପରି ପୌରସଂସ୍ଥା ଏବଂ ସରକାରୀ କାର୍ଯ୍ୟାଳୟ ଠାରେ କୌଣସି ଦୁର୍ନିତୀ ହେଲେ ବିଜେଡି ଏହାକୁ ପ୍ରବଳ ବିରୋଧ କରିବ ଏବଂ ରାଜରାସ୍ତାକୁ ଓହ୍ଲାଇବ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦ ଦୃଢୋକ୍ତିରେ ପ୍ରକାଶ କରିଥିଲେ।



**କଲ୍ୟାଣସିଂହପୁର:** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ଦିବସ ପାଳନ କରାଯାଇଛି। ବିଜେଡି ଦଳ ବ୍ଲକ ସଭାପତି ସୁନ୍ଦର ରାଓ ବାଗଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ତଥା ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକା, ବାର ଆସୋସିଏସନର ସଭାପତି ଆଇନଜୀବୀ ବ୍ରଜସୁନ୍ଦର ନାୟକ, ବନମାଳୀ କାଡ୍ରାକା, ଖ ଜୋନର ସମିତି ସଭ୍ୟ ସଭ୍ୟା, ବ୍ଲକ ଅଧ୍ୟକ୍ଷା ଅମ୍ରିତା କାଡ୍ରାକା, ବ୍ଲକ ଉପାଧ୍ୟକ୍ଷ ଡମ୍ବରୁ କଞ୍ଜାକା, ବହୁ ସଂଖ୍ୟକ ଦଳୀୟ କର୍ମୀ, ନେତା କାଳୀ ସୁନ୍ଦରୀ ମନ୍ଦିରଠାରେ ଏକତ୍ରିତ ହୋଇ ଡିଜେ ବାଜା ଓ ଶଙ୍ଖ ଧ୍ୱନୀରେ ଏକ ବିରାଟ ପଦ ଓ ବାଇକ୍ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ଏହି ଅବସରରେ ବାଜୁବାବୁଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଓ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହାକୁ ଏମ ଧର୍ମେନ୍ଦ୍ର, ବୃନ୍ଦାବନ ପାଢ଼ୀ ପରିଚାଳନା କରିଥିବା ବେଳେ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଏ ଅବସରରେ ପ୍ରାୟ ୩ ହଜାର ଲୋକଙ୍କ ନିମନ୍ତେ ଭୋଜନର ବ୍ୟବସ୍ଥା କରାଯାଇଥିଲା।

**ଗୁଣୁପୁର:** ଗୁଣୁପୁରରେ ବିଜୁ ଜନତା ଦଳ ପକ୍ଷରୁ ବିଜୁ ବାବୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ଠାରେ ସ୍ଥାପିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବକ୍ତାମାନେ ବିଜୁ ପଟ୍ଟନାୟକଙ୍କ ଅସାଧାରଣ ନେତୃତ୍ୱ, ରାଜ୍ୟର ଉନ୍ନତି ପାଇଁ ତାଙ୍କ ଅବଦାନ ଓ ଜନସେବାର ଆଦର୍ଶକୁ ସ୍ମରଣ କରିଥିଲେ। ତାଙ୍କର ଆଦର୍ଶ ଓ ଚିନ୍ତାଧାରାକୁ ଅନୁସରଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ଦଳର ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ, କାଉନ୍‌ସିଲର ଦେବୀ ଆଚାର୍ଯ୍ୟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବାଳି ଗମାଙ୍ଗ, ସାନ ବାଉରୀ, କାଉନ୍‌ସିଲର ଭାଗିରଥି ବିଶୋଇ, ବିଜେଡି ଯୁବ ନେତା ରାମ ପଣ୍ଡା, ପୂର୍ବତନ ସରପଞ୍ଚ ତ୍ରିନାଥ ଦଳବେହେରା, ସରପଞ୍ଚ ମାର୍କ ଦଳବେହେରା, ଦାରାସିଂ ଶବର, ଏସ୍ ବାବାପ୍ରସାଦ, ଟିକୁ ଗମାଙ୍ଗ, ରାଜେଶ ପଣ୍ଡା, କେ.ଶମେଶ୍ୱର ରାଓଙ୍କ ସହ ବିଭିନ୍ନ ସ୍ଥାନୀୟ ନେତା, କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ।



**ନନ୍ଦପୁର:** ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆନ୍ଧ୍ର ସୀମାନ୍ତ ପାଡୁଆ ଠାରେ ବିଜେଡ଼ି ଦଳ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା କାର୍ତ୍ତିକ ଖେମୁଣ୍ଡୁ, ଜିଲ୍ଲା ବିଜେଡି ସମ୍ପାଦକ ଶଶୀ ପଟ୍ଟନାୟକ, ସୁରେଶ୍ ପଟ୍ଟନାୟକ, ସେକ୍ ବାଜି, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ନାର୍ସୁଲୁ କାମୁଡି, କୁଲାବିର ଗ୍ରାମପଞ୍ଚାୟତ ସରପଞ୍ଚ ସଇତା ସମେଲି, ରୂପାମା ଖିଲ, ଧନ ଖିଲ, କମାୟା ପାଙ୍ଗି, ନୀଳକଣ୍ଠ ମାଝୀ, ଘେନୁ ସୀସା, ନୀଳକଣ୍ଠ ଖରା, ସହଦେବ ଖରା, ସାବିତ୍ରୀ ବୁରୁଡ଼ି, ବୁଦୁ ପେଲମାଲ, ତ୍ରିପତି କାମୁଡି, ଲଛମା ଖେମୁଣ୍ଡୁ, ଲାଇ ଭଦ୍ର ଗେମେଲ୍ ପ୍ରମୁଖ ଶତାଧିକ ବିଜୁ ପ୍ରେମୀ ପ୍ରଥମେ ବିଜୁ ବାବୁଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବିଜୁ ବାବୁଙ୍କ ସ୍ମୃତି ଚାରଣ କରି ବିଜୁ ବାବୁଙ୍କ ସରକାର ଭାରତ ରତ୍ନ ପ୍ରଦାନ କରିବାକୁ ଦାବି କରିଥିଲେ।



**ସେମିଳିଗୁଡ଼ା :** କୋରାପୁଟ ଜିଲ୍ଲା କୋରାପୁଟ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ତିରୋଧାନ ଦିବସ ତଥା ପ୍ରବାଦ ପୁରୁଷ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ହାଲ ୱି (ୱାଇ) ଜୋନ ପାର୍କରେ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରଘୁରାମ ପଡାଲ, ନଗର ସଭାପତି ଜ୍ଞାନ ରଞ୍ଜନ, ଯୁବ ନେତା ଭାରତ ମଲ୍ଲିକ, ଅଶୋକ ପ୍ରଦାନ, ପୌର ପରିଷଦ କାଉନସିଲର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଜୁ ବାବୁଙ୍କ ଆଦର୍ଶରେ କାମ କରି ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ କାମ କରିବୁ ବୋଲି ସମସ୍ତେ ପ୍ରତିଜ୍ଞା କରିଥିଲେ।



**ମାଥିଲି :** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ମାଥିଲି ସଦର ମହକୁମା ଠାରେ ଥିବା ସହିଦ ଲକ୍ଷ୍ମଣ ନାୟକ ଭବନଠାରେ ମାଥିଲି ବିଜୁ ଜନତା ଦଳର ବ୍ଲକ ସଭାପତି ସଦାଶିବ ପୂଜାରୀଙ୍କ ନେତୃତ୍ୱରେ ବିଜୁ ପଟ୍ଟନାୟକଙ୍କ ତିରୋଧନ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳର ଦକ୍ଷିଣ ଓଡିଶା ଉପ ସଭାନେତ୍ରୀ ତଥା ମାଥିଲି ଜିଲ୍ଲା ପରିଷଦ ଜୋନ-୧ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ଯୋଗ ଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବରେ ଖଇରପୁଟ ବ୍ଲକ ସଭାପତି ସାଧୁ ହାନ୍ତାଳ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାଥିଲି ବ୍ଲକ ଜିଲ୍ଲା ପରିଷଦ ଜୋନ-୩ ସଭ୍ୟା ସସ୍ମିତା ମାଝୀ, ଖଇରପୁଟ ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ମାଥିଲି ସଦର ସରପଞ୍ଚ କାନାମ ରାଜୁ ନାୟକ, ମେକ୍କା ପଞ୍ଚାୟତ ରଞ୍ଜିତା ପୂଜାରୀ, ପାଙ୍ଗାମ ପଞ୍ଚାୟତ ସରପଞ୍ଚ ଇନ୍ଦ୍ର ନାୟକ, ଧୁଙ୍ଗିଆପୁଟ ସରପଞ୍ଚ ମଧୁସୂଦନ ନାୟକ, ଖଇରପୁଟ ବ୍ଲକ ପୋଡ଼ଘାଟ ସରପଞ୍ଚ ପ୍ରୀତମ ଗୁରୁତେଲି, କୁଟୁଣୀପାଲ୍ଲୀ ସରପଞ୍ଚ ପ୍ରତିନିଧି ଚନ୍ଦ୍ର ଶେଖର ନାୟକ, ବି.ଆର, ଆମ୍ବେଦକର ସ୍ମୃତି କମିଟିର ବ୍ଲକ ସଭାପତି ପୂର୍ଣ୍ଣ ହୁରୁଆ ଓ ଚେଡେଙ୍ଗା ପଞ୍ଚାୟତ ସମିତି ସଭ୍ୟ ଡମ୍ବୁ ପେରମା ଯୋଗ ଦେଇ ଓଡ଼ିଶାର ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥିମାନେ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ଚିକିତ୍ସାଧୀନ ରୋଗୀ ମାନଙ୍କର ପରିସ୍ଥିତି ପଚାରି ବିଝିବା ସହିତ ଫଳ ଓ ଥଣ୍ଡା ପାନୀୟ ଜଳ ବଣ୍ଟନ କରିଥଲେ। ଆଜିର ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ୪ ବ୍ଲକରୁ ବହୁ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ୱାର୍ଡ ମେମ୍ବର ସଭ୍ୟ/ସଭ୍ୟାଙ୍କ ସମେତ ହଜାର ହଜାର ସକ୍ରୀୟ କର୍ମୀ ଓ ବିଜୁ ପ୍ରେମୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।



## ମହିଳାଙ୍କ ମୃତଦେହ ଉଦ୍ଧାର

ମାଲକାନଗିରି, ୧୭ ।୪(ସମିସ): ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ଶିଖପାଲି ଓ ଉସକାଲବାଗ ଗ୍ରାମକୁ ଲାଗି ରହିଥିବା ଜଙ୍ଗଲରେ ଏକ ମହୁଲ ଗଛ ନିକଟେ ଜଣେ ମହିଳାଙ୍କ ମୃତ ଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ଗ୍ରାମବାସୀ ମୃତଦେହ ଦେଖିବା ପରେ ପୋଲିସକୁ ଖବର ଦେଇଥିବା ବେଳେ ମାଲକାନଗିରି ପୋଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ସହ ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ଅପର ପକ୍ଷରେ ମୃତ ମହିଳାଙ୍କ ପରିବାର ଲୋକେ ଏହା ଦୁଷ୍କର୍ମ ଓ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଆଜି ସକାଳୁ ଶିଖପାଲି ଓ ଉସକାଲବାଗ ଗ୍ରାମ ନିକଟରେ ଥିବା ଜଙ୍ଗଲରେ ସ୍ଥାନୀୟ ଲୋକେ କେନ୍ଦୁପତ୍ର ତୋଳିବାକୁ ଯାଉଥିବା ସମୟରେ ଜଣେ ଅଜଣା ମହିଳାଙ୍କ ମୃତ ଦେହ ଗଛ ମୂଳରେ ପଡ଼ିଥିବା ଦେଖିବାକୁ ପାଇଥିଲେକ୍ଷ ଏହାପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ ପୋଲିସ ଅନୁସନ୍ଧାନ ପ୍ରାଥମିକ ଅନୁସନ୍ଧାନ କରି ମୃତ ମହିଳାର ପରିଚୟ ପାଇଥିଲେ। ମୃତ ମହିଳା ଜଣଙ୍କ ପଡିଆ ଥାନା ଅନ୍ତର୍ଗତ ନାଣ୍ଡିବେଡା ଗ୍ରାମର ଲାଚା କୁରାମିଙ୍କ ସ୍ତ୍ରୀ ସମେ ସୋଡି ବୋଲି ଜଣା ପଡିଛି। ସ୍ୱାମୀ ଲାଚା ଆନ୍ଧ୍ର ପ୍ରଦେଶକୁ ଦାଦନ ଖଟିବାକୁ ଯାଇଥିବା ବେଳେ ସ୍ୱାମୀର ଅନୁପସ୍ଥିରେ ଏପରି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ତେବେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଏହି ଘଟଣାରେ ସାମିଲ ଥିବା ପରିବାର ଲୋକେ ପ୍ରକାଶ କରିଥିବା ବେଳେ ପୋଲିସ ଏଦିଗରେ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ମଧ୍ୟ ପହଞ୍ଚି ପାରିପାଶ୍ୱରିକ ସ୍ଥିତି ଅନୁଧ୍ୟାନ କରି ତଦନ୍ତ ଜାରି ରଖିଛି । ଏହା ଏକ ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇ ନଥିବା ବେଳେ ତଦନ୍ତ ଓ ଶବ ବ୍ୟବଛେଦ ପରେ ଏହା ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି।

## ହୃଦ୍‌ଘାତରେ ଯୁବ ବ୍ୟବସାୟୀ ମୃତ

ମାଲକାନଗିରି, ୧୭ ।୪(ସମିସ): ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ ହୋଇଛି। ୪୫ ବର୍ଷୀୟ ଖୁପଚାନ୍ଦ ଜୈନ ନିଜ କାମ ସାରି ଜିଲ୍ଲାର ମାଥିଲି ବ୍ଲକ ଅଞ୍ଚଳରୁ କାର ଯୋଗେ ମାଲକାନଗିରି ଅଭିମୁଖେ ଫେରୁଥିବା ବେଳେ ନାୟକଗୁଡା ଠାରେ ତାଙ୍କ ଛାତିରେ ଯନ୍ତ୍ରଣା ସହ ଅଣନିଃଶ୍ୱାସୀ ହୋଇ ପଡିଥିଲେ।



ତେବେ ତାଙ୍କ ସହ ଥିବା ତାଙ୍କ ପୁଅ ଓ ବଡଭାଇ ତାଙ୍କୁ ତୁରନ୍ତ ନିକଟସ୍ଥ ପାଣ୍ଡ୍ରିପାଣି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତୁରନ୍ତ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଥିଲା। ତେବେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁପଚାନ୍ଦ ଜୈନ ଜଣେ ଜଣାଶୁଣା ଯୁବ ବ୍ୟବସାୟୀ। ତାଙ୍କର ୨ଟି ପୁଅ , ଜଣେ ଝିଅ ଓ ପତ୍ନୀ ଅଛନ୍ତି।

# ଗ୍ୟାସ ସମସ୍ୟା ନେଇ ଉପଭୋକ୍ତାଙ୍କ ରାସ୍ତା ଅବରୋଧ



ଉମରକୋଟ,୧୭।୪(ସମିସ): ଉମରକୋଟ ସହରରେ ବଢୁଥିବା ଗ୍ୟାସ ସମସ୍ୟାକୁ ନେଇ ଆଜି ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରର ମେଡିକାଲ ଛକ ନିକଟରେ କଂଗ୍ରେସ ଓ ଗ୍ୟାସ ଉପଭୋକ୍ତାଙ୍କ ପକ୍ଷରୁ ଉମରକୋଟ ଠାରୁ ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରାଯାଇଛି। ଦୀର୍ଘ ଦିନ ହେଲା ଉପଭୋକ୍ତାଙ୍କୁ ଗ୍ୟାସ ମିଳୁ ନାହିଁ। ବୁକିଂ କରିବାର ୪୫ ଦିନ ପରେ ବୁକିଂ ହେଉଛି। ଅଧିକା ଦରରେ ଗ୍ୟାସ ଡେଲିଭର ବୟ ବିକ୍ରି କରୁଛନ୍ତି। ଦୀର୍ଘ ଦିନ ହେଲା ଉମରକୋଟ ସହରାଞ୍ଚଳ ଉପଭୋକ୍ତାଙ୍କୁ ଗ୍ରାମାଞ୍ଚଳରେ ଅନ୍ତର୍ଭୁକ୍ତ କରାଯାଇଛି। ତେଣୁ ସହରାଞ୍ଚଳ ଉପଭୋକ୍ତାଙ୍କୁ ଠିକ ସମୟରେ ଗ୍ୟାସ ମିଳୁ ନାହିଁ। ଉମରକୋଟ ଗ୍ୟାସ ଉପଭୋକ୍ତାଙ୍କୁ ସହରାଞ୍ଚଳରେ ସାମିଲ କରିବା ପାଇଁ ରାସ୍ତା ରୋକ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡି ଗୁଡିକ ଦୀର୍ଘ ସମୟଧରି ଛିଡା ହୋଇ ରହିଥଲା। ନବରଙ୍ଗପୁର ଓ ଉମରକୋଟକୁ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଯେତେ ବେଳେ ପର୍ଯ୍ୟନ୍ତ ସହରାଞ୍ଚଳ ଗ୍ୟାସ ଉପଭୋକ୍ତାଙ୍କୁ ଗ୍ରାମାଞ୍ଚଳ ତାଲିକାରୁ ବାହାର କରି ସହରାଞ୍ଚଳରେ ସାମିଲ କରାଯିବ ନାହିଁ ରାସ୍ତାରୋକରୁ ହଟିବେ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ପରେ ଜିଲ୍ଲା ଯୋଗାଣ ଅଧିକାରୀ ଉମରକୋଟ ଆସି କଂଗ୍ରେସ କର୍ମୀଙ୍କ ସହ ଆଲୋଚନା କରି ଆସନ୍ତା ଦୁଇ ଦିନ ମଧ୍ୟରେ ଜିଲ୍ଲାପାଳଙ୍କୁ କହି ସହରାଞ୍ଚଳରେ ଗ୍ୟାସ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ରାସ୍ତା ଅବରୋଧରୁ ହଟିଥିଲେ।

## ଶିକ୍ଷୟିତ୍ରୀ ପତ୍ନୀଙ୍କୁ ହତ୍ୟା ଧମକ ଅଭିଯୋଗ; ଶିକ୍ଷକ ସ୍ୱାମୀ ଗିରଫ

ଜୟପୁର,୧୭ ।୪ (ସମିସ): ଶିକ୍ଷୟତ୍ରୀ ପତ୍ନୀଙ୍କୁ ହତ୍ୟା କରିବାକୁ ଧମକ ଏବଂ ଜୋର ଜବରଦସ୍ତ ଟଙ୍କା ଦାବି କରିବା ଅଭିଯୋଗରେ ସ୍ୱାମୀଙ୍କୁ ଜୟପୁର ଟାଉନଥାନା ପୁଲିସ ଗିରଫ କରିବା ସହିତ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଶିକ୍ଷକ ସ୍ୱାମୀ ହେଲେ ଯାଜପୁର ଜିଲ୍ଲା ଦଶରଥପୁର ଥାନା ଦହିହାଟ ଗ୍ରାମର ରାଜେନ୍ଦ୍ର ରାଉତ(୪୨) । ପୁଲିସ ସୂଚନା ଅନୁଯାୟୀ, କୁନ୍ଦୁରା ବ୍ଲକରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ତଥା ଜୟପୁର ସହରରେ ରହୁଥିବା ଅଭିଯୋଗକାରିଣୀ ପତ୍ନୀ ଶ୍ରାବଣୀ ଖଟୁଆ ଗତ ୨୦୨୩ ମସିହାରେ ମେଟ୍ରିମୋନୀ ଅନ୍ ଲାଇନ୍‌ରେ ବିବାହ ପ୍ରସ୍ତାବ ହୋଇ ଉଭୟ ବିବାହ କରିଥିଲେ। ଅଭିଯୁକ୍ତ ସ୍ୱାମୀ ଅଭିଯୋଗକାରିଣୀ ପତ୍ନୀଙ୍କୁ ମାଡ ମାରିବା ସହିତ ଶାରରୀକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏଥିନେଇ ଜୟପୁର ମହିଳା ଥାନାରେ ପତ୍ନୀଙ୍କ ପକ୍ଷରୁ ଗତ ୨୦୨୫ ମସିହାରେ ଏତଲା କ୍ରମେ ଏକ ମାମଲା ରୁଜୁ ହୋଇଥିଲା। ମହିଳା ଥାନାରେ ମାମଲା ହୋଇଥିବା ଜାଣିବା ପରେ ଅଭିଯୁକ୍ତ ସ୍ୱାମୀ ପତ୍ନୀଙ୍କୁ ଏତଲାକୁ ତୁରନ୍ତ ଫେରସ୍ତ ନେବା ଏବଂ ତାଙ୍କ ବିରୁଦ୍ଧରେ ମାମଲା ନ କରିବା ନେଇ ଧମକ ଦେଉଥିଲେ। ଏହିପରି ଗତ କିଛଦିନ ହେବ ଟଙ୍କା ମାଗିବା ସହିତ ଟଙ୍କା ନ ଦେଲେ ପତ୍ନୀଙ୍କୁ ଜୀବନରେ ମାରିଦେବା ନେଇ ଧମକ ଦେଇଥିଲେ। ଏଥିନେଇ ଅଭିଯୋଗକାରିଣୀ ପତ୍ନୀଙ୍କ ଏତଲା କ୍ରମେ ଟାଉନଥାନାରେ ଏକ ମାମଲା (୮୩/୨୬) ରୁଜୁ କରାଯାଇ ଏଏସଆଇ ଯାଜ୍ଞସିନୀ ମାଝି ତଦନ୍ତ କରାବା ସହିତ ଅଭିଯୁକ୍ତଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି ।

## ଏସ୍‌ଡିସି ସଭାପତି ବିଦ୍ୟାଧର ଶବରଙ୍କୁ ସମ୍ବର୍ଦ୍ଧନା

ଗୁଡାରୀ,୧୭।୪(ସମିସ): ଶୁକ୍ରବାର ଦିନ ଗୁଡ଼ାରୀ ବିଜେପି ଦଳ ତରଫରୁ ନବ ନିଯୁକ୍ତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ଅଧ୍ୟକ୍ଷ ବିଦ୍ୟାଧର ଶବରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସନ୍ଧ୍ୟାରେ ବାଇକ୍ ରାଲି ସହ ନୂଆ ବସଷ୍ଟାଣ୍ଡ ଗେଷ୍ଟ ହାଉସରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା। ଏଥିରେ ନଗର ମଣ୍ଡଳ ସଭାପତି ଜଗଦିଶ ନାୟକ ନେତୃତ୍ୱ ନେଇଥିବା ବେଳେ ପଞ୍ଚାୟତ ମଣ୍ଡଳ ସଭାପତି ଅନନ୍ତ ନାରାୟଣ ଦେଓ, ସମ୍ପାଦକ ରଞ୍ଜନ ଶତପଥି, ସାଧାରଣ ସମ୍ପାଦକ ଜିତୁ ନନ୍ଦ, କୋଷାଧ୍ୟକ୍ଷ ମୁନା ପଣ୍ଡା, ଉପ ସଭାପତି ଦୁର୍ଗାମାଧବ ପାଠୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ମୋନଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ପୁଷ୍ପ ଗୁଚ୍ଛ ଓ ପୁଷ୍ପ ମାଲ୍ୟ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ଆଗାମି ଦିନରେ ଗୁଡ଼ାରୀ ବ୍ଲକ ଏବଂ ପରିଷଦରେ ଜନଜାତିଙ୍କ ବିକାଶ କ୍ଷେତ୍ରରେ ଏସଡିସି ପକ୍ଷରୁ ଯଥା ସମ୍ଭବ ସହାୟତା ପ୍ରଦାନ କରାଯିବ ବୋଲି ଶ୍ରୀ ଶବର ପ୍ରତିଶୃତି ଦେଇଛନ୍ତି ।



## କାଶିଲି ଗାଁର ସମସ୍ୟା ବୁଝିଲେ ରାୟଗଡ଼ା ବିଧାୟକ

ରାୟଗଡ଼ା,୧୭।୪(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ମହକୁମା ମାଲିଗାଁ ଗ୍ରାମ ପଂଚାୟତ ଅନ୍ତର୍ଗତ କାଶିଲି ଗ୍ରାମରେ ରହିଛି ଅନେକ ସମସ୍ୟା । ବିଭିନ୍ନ ମୌଳିକ ସମସ୍ୟାରୁ ବଞ୍ଚିତ ହୋଇଥିବା ଗ୍ରାମରେ ପାଦ ଥାପିଛନ୍ତି ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ । ରାୟଗଡ଼ା ସଦର ମହକୁମା ଠାରୁ ମାତ୍ର ୭କିମି ଦୂରରେ ଥିବା ଏହି ଗ୍ରାମରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନ ଥିବା ବେଳେ ଗମନାଗମନ ପାଇଁ ରାସ୍ତା ନାହିଁ। ଡିଜିଟାଲ ଯୁଗରେ ଗାଁକୁ ମୋବାଇଲ ନେଟୱାର୍କ ପହଞ୍ଚି ପାରୁ ନ ଥିବାରୁ ଗାଁର ଛାତ୍ରଛାତ୍ରୀମାନେ ପାଠପଢା ସହ ଅନ୍ୟାନ୍ୟ ଅନ୍‌ଲାଇନ ସେବାରୁ ବଞ୍ଚିତ ହେଉଛନ୍ତି ବୋଲି ଗ୍ରାମବାସୀମାନେ ବିଧାୟକଙ୍କୁ ଗ୍ରାମର ସମସ୍ୟା ବିଷୟରେ ଅବଗତ କରିଥିଲେ। ବିଧାୟକ ଶ୍ରୀ କାଡ୍ରକା ମଧ୍ୟ ନିଜେ ଗାଁ ବୁଲି ଗାଁର ବିଭିନ୍ନ ସମସ୍ୟାକୁ ହୃଦୟଙ୍ଗମ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। କାଶିଲି ଗାଁରେ ଥିବା ସମସ୍ୟାକୁ ଗୁରତ୍ୱ ଦେଇ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜିଲ୍ଲା ପ୍ରଶାସନକୁ ବିଧାୟକ ପରାମର୍ଶ ଦେଇଛନ୍ତି।

## 'ବନ୍ଦନୀୟ ବରପୁତ୍ର' ଆଲୋଚନାଚକ୍ର





ରାୟଗଡ଼ା,୧୭।୪(ସମିସ): ରାୟଗଡ଼ ଜିଲ୍ଲା ସଦର ବ୍ଲକ ଅମ୍ଳାଭଟ୍ଟା ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ପରିପ୍ରେକ୍ଷୀରେ 'ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନୀ ଓ ସୃଜନ' ଶୀର୍ଷକ ବନ୍ଦନୀୟ ବରପୁତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ଶ୍ୟାମା ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯକ୍ରମ ପ୍ରାରମ୍ଭରେ ପଣ୍ଡିତ ଉତ୍କଳମଣିଙ୍କ ତୈଳ ଫୋଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଓଡ଼ିଆ ବିଭାଗର ବିଭାଗମୁଖ୍ୟ ଡ. ସୁରେଶ କୁମାର ମାଝୀ ସ୍ୱାଗତ ଭାଷଣ ଦେବା ସହ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓଡ଼ିଶା ପ୍ରଦେଶ ଗଠନ, ନ'ଅଙ୍କ ଦୁର୍ଭିକ୍ଷ, ସମାଜସେବା , ମାନବ ସେବା, ଭାରତର ଜାତୀୟ ଆନ୍ଦୋଳନ, ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ଇତ୍ୟାଦିରେ ଗୋପବନ୍ଧୁ ଦାସଙ୍କ ଭୂମିକା ଚିର ଅବିସ୍ମରଣୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଶୀର୍ବାଦ ମହାପାତ୍ର, ଅଜିତ୍ ବିଡ଼ିକା, ଶୁଭଶ୍ରୀ ବେହେରା ଏବଂ ତପସ୍ୱନୀ ନାୟକ କବିଙ୍କ ଦ୍ୱାରା ରଚିତ 'ବନ୍ଦୀର ଆନକଥା', 'କାରା କବିତା' ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଶିବାନନ୍ଦ ବେସ୍ରା ପରିଚାଳନା କରିଥିଲା ବେଳେ ଧନ୍ୟବାଦ୍ ଅର୍ପଣ କରିଥିଲେ ଅଧ୍ୟାପିକା ସୁଶ୍ରୀ କିରନ୍ ମଲ୍ଲିକ। ଏହି ଆଲୋଚନା ଚକ୍ରରେ ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ସଂଗ୍ରାମୀଙ୍କ ଦାୟାଦଙ୍କୁ ସହାୟତାର ହାତ ବଢ଼ାଇଲା ବିକଳ୍ପ ସଂଗଠନ

ରାୟଗଡ଼ା,୧୭।୪(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ତୁଡୁକୁ ଶବରଙ୍କ ପତ୍ନୀ ମଙ୍ଗା ଶବର ବର୍ତ୍ତମାନ ଅସହାୟ ଅବସ୍ଥାରେ। ତାଙ୍କର ବୟସ ୯୦ ବର୍ଷରୁ ଅଧିକ। ୪୦ ବର୍ଷ ପୂର୍ବେ ସ୍ୱାମୀଙ୍କ ଦେହାନ୍ତ ହୋଇସାରିଛି। ରହିବାକୁ ଘର ଖଣ୍ଡିଏ ବି ନାହିଁ। ଭୂମିହୀନ ହୋଇଥିଲେ ବି ଆବାସ ଯୋଜନାରେ ବର୍ତମାନ ସୁଦ୍ଧା ଘର ଖଣ୍ଡିଏ ମଧ୍ୟ ସରକାର ଯୋଗାଇ ପାରି ନାହାନ୍ତି। ଏଣୁ ଅସହାୟ ମାଙ୍ଗା ବାଧ ହୋଇ ନିଜ ନାତିଙ୍କ ଘରେ ଆଶ୍ରୟ ନେଉଛନ୍ତି। ଦୁଇ ବେଳା ଭଲ ଭାବେ ଖାଇବାକୁ ମଧ୍ୟ ପାଇପାରୁନାହାନ୍ତି। ଗଣମାଧ୍ୟମ ତଥା ବିଶେଷ ସୂତ୍ରରୁ ଏହି ଖବର ବିକଳ୍ପ ସଂଗଠନ, ରାୟଗଡ଼ା ନଜରକୁ ଆସିଥିଲା। ସଂଗଠର ସଭାପତି ଡ. ଦୁଷ୍ମନ୍ତ କୁମାର ମହାନ୍ତି, ସମ୍ପାଦକ ଜଗଦୀଶ ଚନ୍ଦ୍ର ଦୋରା, ବରିଷ୍ଠ ସଭ୍ୟ ଶଶୀ ଭୂଷଣ ପେନାୟକ, ବୀର ବାବୁ, ,ମନ୍ମଥ ଡୁଲ,କେ. ଗୌରୀ ଶଙ୍କର ରାଓ, ପଦ୍ମନ ଚୌଧୁରୀ, ତ୍ରିବେଣୀ ମିଶ୍ର ପ୍ରମୁଖ ସଦସ୍ୟ ସଦସ୍ୟାମାନେ ଅସହାୟ ମାଙ୍ଗୀ ଶବରଙ୍କ ସହ ସାକ୍ଷାତ କରିଥିଲେ ଏବଂ ତାର ସମସ୍ତ ସମସ୍ୟା ବୁଝିଥିଲେ। ପର ମୁହୂର୍ତରେ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରି ବାସ୍ତବ ସମସ୍ୟାକୁ ଜଣାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ୭,୦୦୦ ଟଙ୍କା ସହଯୋଗ ରାଶି, ଏକ ବସ୍ତା ଚାଉଳ ଏବଂ କିଛି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଥିଲେ। ପ୍ରକାଶ ଥାଉ କି, ବିକଳ୍ପ ଏକ ଅଭିନବ ଚିନ୍ତାଧାରାର ସଂଗଠନ। ଦୀର୍ଘ ଛଅ ବର୍ଷ ହେଲା ସମାଜର ଅବହେଳିତ ବ୍ୟକ୍ତି, ଛାତ୍ରଛାତ୍ରୀ, ଗ୍ରାମାଞ୍ଚର ଶିକ୍ଷା, ସ୍ୱାସ୍ଥ୍ୟ, ତଥା ସଚେତନ କରାଇବା ଭଳି କାର୍ଯ୍ୟ କରି ଆସୁଛି। ସମାଜରେ କିଛି ପବର୍ତ୍ତନ ଆଣିବା ହେଲା ଏହାର ମୂଳ ଲକ୍ଷ୍ୟ ବୋଲି ସଭାପତି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି। ଏହି କାର୍ଯରେ ସ୍ଥାନୀୟ ସରପଞ୍ଚ ରମେଶ ଶବର, ସର୍ବୋଦୟ ସହିଦ ସ୍ମୃତି ପୀଠ କୁଜେନ୍ଦ୍ରୀର କର୍ମକର୍ତ୍ତା ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।



# ବିଭିନ୍ନ ସ୍ଥାନରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ







ମାଲକାନଗିରି,୧୭।୪(ସମିସ) : ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସକୁ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପାଳନ କରାଯାଇଛି। ଏହି ଦିବସଟିକୁ ପ୍ରବାଦ ପୁରୁଷ ଦିବସ ରୂପେ ପାଳନ କରିବା ପାଇଁ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ବେଳେ ମାଲକାନଗିରି ଜିଲ୍ଲା ବିଜୁ ଜନତା ଦଳ ତରଫରୁ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମୀଙ୍କ ନେତୃତ୍ୱରେ ବିଜେଡି ଜିଲ୍ଲା କାର୍ଯ୍ୟାଳୟରେ ପ୍ରବାଦ ପୁରୁଷ ଦିବସ ପାଳନ କରାଯାଇଛି। ଏହି ମହତ୍ୱପୂର୍ଣ ଦିବସରେ ମାଲକାନଗିରି ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ମାଲକାନଗିରି ଜିଲ୍ଲା ବିଜେଡି ଜିଲ୍ଲା କାର୍ଯ୍ୟାଳୟ ଲାଠିଆଗୁଡା ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀ ଓ ଫଟୋଚିତ୍ରରେ ତିଳତର୍ପଣ ଓ ମାଲ୍ୟାର୍ପଣ ସହିତ ଅଞ୍ଚଳରେ ଥିବା ଓଡ଼ିଶାର ଅନ୍ୟାନ୍ୟ ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରଯାଇଥିଲା। ବିଜୁ ବାବୁଙ୍କ ଆଦର୍ଶକୁ ନେଇ ବିରୋଧୀ ଦଳ ଭାବେ ବର୍ତ୍ତମାନ ଜନତାଙ୍କର ସ୍ୱର ହୋଇ ଓଡ଼ିଶାର ବିକାଶ ଯାତ୍ରାକୁ ଆଗକୁ ନେବା ସହିତ ବର୍ତ୍ତମାନ ସରକାରର ଜନବିରୋଧୀ ନୀତି ବିରୁଦ୍ଧରେ ଦଳ ଗଣତାନ୍ତ୍ରିକ ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ଆଜିର ଦିନରେ ସମସ୍ତେ ଶପଥ ନେଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ମାନସ ମାଡକାମୀଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ମହିଳା ନେତ୍ରୀ ସମାରି ଟାଙ୍ଗୁଲ, ଜିଲ୍ଲା ଯୁବ ସଭାପତି ଶ୍ରୀନିବାସ ମୁଦୁଲି, ଜିଲ୍ଲା ଛାତ୍ର ସଭାପତି ସୁବ୍ରତ କୁମାର ଦାସ, ବରିଷ୍ଠ ବିଜେଡି ନେତା ଗୋପାଳ କୃଷ ପଣ୍ଡା, ସି ଏଚ୍ ଏଙ୍ଗଲି, ଧନୁର୍ଜୟ ମାଡକାମୀ, ରାଜେନ୍ଦ୍ର କୂଳଦୀପ, ଉପ ସଭାପତି ଉଦୟ ନାଥ ମାଦ୍ରୀ, ସାଧାରଣ ସମ୍ପାଦକ ନାକା ନୁକାଲ ରାଜୁ, ପୌର ପରିଷଦ ଉପାଧ୍ୟକ୍ଷା କବିତା ମହନ୍ତଙ୍କ ସହ ସମସ୍ତ ବ୍ଲକର କର୍ମକର୍ତ୍ତା ଓ କର୍ମୀ ମାନେ ଉପସ୍ଥିତ ଥିଲେ।

**ଉମରକୋଟ :** ଉମରକୋଟ ପୌର ପରିଷଦ ଅଧୀନରେ ଥିବା ବିଜୁ ଶିଶୁ ଉଦ୍ୟାନରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ବିଜୁ ଜନତା ଦଳର ସ୍ଥାନୀୟ କର୍ମୀ ଏବଂ ନେତାମାନେ ଏଥିରେ ଯୋଗଦେଇ ବିଜୁ ବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବିଜେଡି କର୍ମୀ, ସ୍ଥାନୀୟ ନାଗରିକ ଓ ଯୁବ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ନବୀନା ନାୟକ,ବରିଷ୍ଟ ଓକିଲ ଝଡେଶ୍ୱର୍ ମହାନ୍ତି,ପୌର ପରିଷଦ ଅଧ୍ୟକ୍ଷା ରାଧା ଭତରା, ଯୁବନେତା ଚନ୍ଦନ ବେହେରା ପ୍ରମୁଖଙ୍କ ସହ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।

**ନବରଙ୍ଗପୁର :** ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଆଜି ସକାଳ ୮ଟା ସମୟରେ ନବରଙ୍ଗପୁର ସର୍କିଟ ହାଉସ ନିକଟ ବିଜୁ ପଟ୍ଟନାୟକ ପାର୍କ ଠାରେ ଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ବରିଷ୍ଠ ସମ୍ପାଦକ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀଙ୍କ ସମେତ ଶତାଧିକ ବିଜେଡି କର୍ମୀ ଯୋଗଦାନ କରିଥିଲେ ପ୍ରବାଦ ପୁରୁଷ ବିଜୁ ବାବୁ ଓଡିଶା ଗଠନର ଏକ ମହାନ ଜନନାୟକ ଓ ସେ ଜଣେ ବିଶ୍ୱ ସ୍ତରୀୟ ମହାନାୟକ ବୋଲି କହିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ। ଆଜିର ଏହି ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମସ୍ତ କାର୍ଯ୍ୟକ୍ରମରେ ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଦସ୍ୟ ଦିବ୍ୟଦାନ ସୁନା, ତେନ୍ତୁଲିଖୁଣ୍ଟି ଜିଲ୍ଲା ପରିଷଦ ସଦସ୍ୟ। କ୍ରିଷ୍ଣା ମଞ୍ଜରୀ ବିଷୋୟୀ, କୋଷାଗୁମୁଡ଼ା ଜିଲ୍ଲା ପରିଷଦ ସଦସ୍ୟ କ୍ଷୀରୋଦ ନାୟକ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥ, ଜିଲ୍ଲା ଯୁବ ବିଜେଡି ସଭାପତି ଗୁପ୍ତ ଝଙ୍କାର, ଜିଲ୍ଲା ଛାତ୍ର ବିଜେଡି ସଭାପତି ବାବୁଲା ନାୟକ, ଯୁବ ବିଜେଡ଼ି ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ପୂର୍ବତନ ସଭାପତି ତାପସ ତ୍ରିପାଠୀ, ବିଜେଡି ନେତ୍ରୀ କୌଶଲ୍ୟା ପ୍ରଧାନୀ, କାଉନସିଲର ପି କେଶବ ରାଜୁ, କାଉନସିଲର ଅଲେଖ ସୌରା, ନଗର ବିଜେଡ଼ି ସଭାପତି ପ୍ରମୋଦ କୁମାର ରଥ, ରାଜ୍ୟ ଛାତ୍ର ବିଜେଡ଼ି ପୂର୍ବତନ କାର୍ଯ୍ୟକାରୀ ସଭାପତି ଦିଲୁ ପଣ୍ଡା, ପୂର୍ବତନ ସାଂସଦ ପ୍ରତିନିଧି ବାବୁଲି ମିଶ୍ର, ମିଟୁ ପାତ୍ର, ମଣ୍ଟୁ ପଟ୍ଟନାୟକ, ବୁନୁ ବେବର୍ତ୍ତା, ଭୀମ ହରିଜନ, ପିଣ୍ଟୁ ଲେଙ୍କା, ଦୟା ବିଶୋଇ, କୁନା ପାଡ଼ୀ, ସଞ୍ଜୟ ନାୟକ, ଜଗନ୍ନାଥ ବାଗେ, ସୁମିତ ପୂଜାରୀ, ନନ୍ଦ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡ଼ି ନେତା ଓ କର୍ମୀ ଏବଂ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।

**ରାମନାଗୁଡ଼ା :** ରାୟଗଡା ଜିଲ୍ଲା ରାମନାଗୁଡ଼ାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଗୁଣୁପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରଘୁନାଥ ଗୋମାଙ୍ଗ, ରାମନାଗୁଡ଼ା ବ୍ଲକ ବିଜେଡି ସଭାପତି ବାତ୍ରୀ ମାଣ୍ଡାଙ୍ଗି, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦାମୋଦର କୈବର୍ତ୍ତ ବରିଷ୍ଠ ନେତା ଜି. କାରିଆନା, ଗଗନ ବିହାରୀ ଆଚାର୍ଯ୍ୟ, ଦିଲ୍ଲୀପ ନାୟକ ବେହେରା, ରଞ୍ଜନ ନାୟକ ବେହେରା, କମଳ ମୁଟିକାଙ୍କ ସମେତ ସମସ୍ତ ନେତା କର୍ମକର୍ତ୍ତା ରାମନାଗୁଡ଼ା ବ୍ଲକର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା, ସମାଜସେବୀ ଓ ସାଧାରଣ ଲୋକମାନେ ଏକତ୍ରିତ ହୋଇ ସ୍ୱର୍ଗତ ବିଜୁ ବାବୁଙ୍କର ଫୋଟ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମଟି ବିଜୁ ଜନତା ଦଳ ରାମନାଗୁଡ଼ା ପକ୍ଷରୁ ପାଳନ କରାଯାଇଥିଲା। ଏଥିରେ ଗୁଡାରି ବ୍ଲକ, ପଦ୍ମପୁର ବ୍ଲକ, ଚନ୍ଦ୍ରପୁର ବ୍ଲକ, ଗୁଣୁପୁର ବ୍ଲକ ସହ ରାମନାଗୁଡ଼ା ଅଞ୍ଚଳର ବହୁ ସଂଖ୍ୟକ ବିଜୁ ପ୍ରେମୀ ଯୋଗ ଦେଇଥିଲେ।

**ରାୟଗଡ଼ :** ଆଜି ରାୟଗଡ଼ ଜିଲ୍ଲା ସଦର ମହକୁମା ଠାରେ ବିଜୁ ବାବୁଙ୍କ ତିରୋଧାନ ଦିବସ ପାଳନ କରାଯିବା ସହ ରାୟଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରେ ଫଳ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରିଥିଲା ରାୟଗଡ ବିଜୁ ଜନତା ଦଳ । ବିଜୁବାବୁଙ୍କ ଦେଶପ୍ରେମ ଓ ସେବାଭାବ ଚିରକାଳ ପାଇଁ ସମସ୍ତଙ୍କ ହୃଦୟରେ ଅମର ରହିବ ବୋଲି ଉପସ୍ଥିତ ନେତା ଓ କର୍ମୀମାନେ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସାରକା, କାର୍ଯ୍ୟକାରୀ ସଭାପତି ପି. ଗୌରୀ ଶଙ୍କର ରାଓ, ଜିଲ୍ଲା ବିଜେଡି ମହିଳା ଜନତା ଦଳ ସଭାନେତ୍ରୀ ଅନୁସୂୟା ମାଝୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ବରିଷ୍ଠ ନେତା ବ୍ରଜସୁନ୍ଦର ନାୟକ, କିଶୋର ଚନ୍ଦ୍ର ପଣ୍ଡା, ଧବଳେଶ୍ୱର ନାଇଡୁ, ଦେବାଶିଷ ଖାଡ଼ଙ୍ଗା, ବିନାୟକ ପଳେଇ, ସାରଧି ପଟ୍ଟନାୟକ, ଶ୍ରୀଗନ୍ତାୟତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।









